# ଚୌଦ୍ୱାର ପୌରପରିଷଦ କାର୍ଯ୍ୟାଳୟ, ଚୌଦ୍ୱାର

**କଟକ, ଓଡ଼ିଶା, ପିନ୍ - ୭୫୪୦୭୧**

ଫୋନ୍ ନଂ- ୦୬୭୧-୨୩୯୪୨୭୭, ଫ୍ୟାକ୍ସ ନଂ. - ୦୬୭୧-୨୩୯୪୨୭୭

E-mail : choudwarmunicipality@gmail.com


ସଂଖ୍ୟା. ୨୬୦୯ ତା: ୪ / ୯ / ୧୯

## ନିଲାମ ଇସ୍ତାହାର

ଏତଦ୍ୱାରା ସମସ୍ତ ଜନସାଧାରଣ ତଥା କବାଡ଼ିବାଲାଙ୍କୁ ଜଣାଇ ଦିଆଯାଉଅଛି ଯେ, ଚୌଦ୍ୱାର ପୌରପାଳିକା କାର୍ଯ୍ୟାଳୟ ମଧ୍ୟରେ ପୁରୁଣା ଲୁହାଲକଡ଼ି, ଟିଣ, ପ୍ଲାଷ୍ଟିକ୍, ହୁଇଲବାର, ଡ଼ଷ୍ଟବିନ୍, ପୁରୁଣା ଗାଡ଼ି, ଭଙ୍ଗା ଲୁହାବାଡ଼ ଇତ୍ୟାଦିକୁ ପ୍ରକାଶ୍ୟ ନିଲାମ କରାଯିବ। ଇଚ୍ଛୁକ ବ୍ୟକ୍ତି ଉକ୍ତ ଜିନିଷ ଗୁଡ଼ିକୁ ଅମାନତ ଭାବେ ଟ.୫୦,୦୦୦/- ଜମା ଦେଇ ଏହି ନିଲାମରେ ଭାଗ ନେଇପାରିବେ। ସର୍ବୋଚ୍ଚ ନିଲାମ ଡ଼ାକିଥିବା ବ୍ୟକ୍ତିଙ୍କୁ ନିଲାମ ଦେବାର ତିନିଦିନ ମଧ୍ୟରେ ଅର୍ଥ ପୈଠ କରି ଉକ୍ତ ଜିନିଷ ଗୁଡ଼ିକୁ ପୌରପରିଷଦ କାର୍ଯ୍ୟାଳୟ ମଧ୍ୟରୁ ସ୍ଥାନାନ୍ତରିତ କରିବାକୁ ପଡ଼ିବ। ସର୍ବୋଚ୍ଚ ନିଲାମଧାରୀ ବ୍ୟକ୍ତି ଯଦି ଧାର୍ଯ୍ୟ ନିଲାମ ଅର୍ଥ ୦୩ (ତିନି) ଦିନ ମଧ୍ୟରେ ପୌର କାର୍ଯ୍ୟାଳୟରେ ପୈଠ ନକରନ୍ତି ତାଙ୍କ ଦ୍ୱାରା ଜମା କରାଯାଇଥିବା ଟ.୫୦,୦୦୦/- (ପଚାଶ ହଜାର ଟଙ୍କା) ବାଜ୍ୟାପ୍ତି ହେବା ସଙ୍ଗେ ସଙ୍ଗେ ନିଲାମକୁ ବାତିଲ କରିଦିଆଯିବ। ଆସନ୍ତା **ତା:୧୬.୦୯.୨୦୧୯** ରିଖ **୧୨.୦୦** ଘଟିକା ସମୟରେ ପ୍ରକାଶ୍ୟ ନିଲାମ କରାଯିବ। ଏହାର ଏକ ଘଂଟା ପୂର୍ବରୁ ଦରଖାସ୍ତ ସହିତ ଅମାନତ ଅର୍ଥ ପୌରପରିଷଦର କୋଷାଧ୍ୟକ୍ଷଙ୍କ ଠାରେ ଜମା କରିବେ।

୩/୯/୧୯

**ନିର୍ବାହୀ ଅଧିକାରୀ**
**ଚୌଦ୍ୱାର ପୌରପାଳିକା**

ଜ୍ଞାପକ ସଂଖ୍ୟା ୨୬୧୦/ତା: ୪.୯.୧୯

ଏହାର ଏକକିତା ନକଲ କାର୍ଯ୍ୟାଳୟ ନୋଟିସ୍ ବୋର୍ଡ଼/ଜିଲ୍ଲାପାଳ, କଟକ/ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ସହରାଂଚଳ ଉନ୍ନୟନ ସଂସ୍ଥା, କଟକ/ଉପ-ଜିଲ୍ଲାପାଳ, ସଦର, କଟକ/ତହସିଲ କାର୍ଯ୍ୟାଳୟ, ଟାଙ୍ଗୀ-ଚୌଦ୍ୱାର/ ନିର୍ବାହୀ ଯନ୍ତ୍ରୀ, ରାସ୍ତା ଓ ଗୃହ ନିର୍ମାଣ ବିଭାଗ, ଚୌଦ୍ୱାର/ନିର୍ବାହୀ ଯନ୍ତ୍ରୀ, ଜନସ୍ୱାସ୍ଥ୍ୟ ବିଭାଗ, ଚୌଦ୍ୱାର/ନିର୍ବାହୀ ଯନ୍ତ୍ରୀ, ରାସ୍ତା ଓ ଗୃହ ନିର୍ମାଣ ବିଭାଗ-I & II, କଟକ/ନିର୍ବାହୀ ଯନ୍ତ୍ରୀ, ଜନସ୍ୱାସ୍ଥ୍ୟ ବିଭାଗ, I & II, କଟକ/ଦୈନିକ ଖବର କାଗଜ, ସମ୍ବାଦରେ ପ୍ରକାଶନ କରାଯାଇ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଗଲା।

୩/୯/୧୯

**ନିର୍ବାହୀ ଅଧିକାରୀ**
**ଚୌଦ୍ୱାର ପୌରପାଳିକା**